# Akashvani, Sambalpur

## SAMBALPURI NEWS MORNING BULLETIN

## 16 September 2026 - 6.47- 6.52 am.

---

ଡପଲର୍ ପାଣିପାଗ୍ ରାଡ଼ାର୍ ଷ୍ଟେସନ    ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଠାନେ ତିଆର୍ ହେଇଥିବା ନୂଆଁ ଡପଲର୍ ପାଣିପାଗ୍ ରାଡ଼ାର୍ ଷ୍ଟେସନ୍‌ର ଆଏଜ୍ ଉଦ୍‌ଘାଟନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଉଦ୍‌ଘାଟନ୍ କର୍‌ବେ । ଜମାଦାର୍‌ପାଲି ରୋଡ୍ ମଧୁପୁର୍ ଠାନେ ଉପର୍‌ବେଲା ହେବାର୍‌କେ ଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ସହେତେ ମୁଖ୍ୟମନ୍ତ୍ରୀ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟ ପ୍ରେକ୍ଷାଳୟ ନ ଗୁଟେ ସାଧାରଣ୍ ସଭାଥି ଭିଲ୍ ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ସେମିକଣ୍ଡକ୍ଟର୍        ଆର୍ଏନ୍ୟୁ/ କଟକ୍

ୟୁନିଟ୍ ଅନୁମୋଦନ୍ କମିଟି -ୟୁଏସିର ୨ ଶହ ୧୭ ନମ୍ବର୍ ବୈଠକ୍ ଭୁବ୍ନେଶ୍ୱର୍ ଇଡ୍କୋ ଇନ୍ଫୋଭେଲି - ଟୁ ଥି ରାଜ୍ୟର୍ ୨ ନମ୍ବର୍ ସେମି କଣ୍ଡକ୍ଟର୍ ୟୁନିଟ୍ ଲାଗି ଅନୁମୋଦନ୍ ମିଳିଛେ । ପ୍ରସ୍ତାବିତ୍ ହେଇଥିବା ୨୧ ଏକଡ୍ ନୁ ଅଏତ୍କା ଜମିନ୍ଥି ଉନ୍ନତ୍ ସେମିକଣ୍ଡକ୍ଟର୍ ଉତ୍ପାଦନ୍ ହେବାର୍ ସହେତେ ଇ ପ୍ରକଳ୍ପ ନ ୩ ହଜାର୍ ୪ ଶହ ୬ କୋଟି ଟଙ୍କା ନିବେଶ୍ ଲାଗି ପ୍ରସ୍ତାବ୍ ରହିଛେ । ଇଥିର୍ଲାଗି ୧୨ ଶହ ୭୦ ଝନ୍କୁ ନିଯୁକ୍ତି ସୁଯୋଗ୍ ମିଲିପାର୍ବା । ପ୍ରକଳ୍ପ ଜରିଏ ଆଏବା ୫ ବଛର୍ ଭିତ୍ରେ ୭ ହଜାର୍ କୋଟିନୁ ଅଏତ୍କା ଟଙ୍କା ରପ୍ତାନୀ କାର୍ବାର୍ ହେବା ବଲି ଆଶ୍ କରାଯାଉଛେ । ଇ ସମିଆ ଭିତ୍ରେ ପ୍ରକଳ୍ପ ଜରିଏ ୪ ହଜାର୍ ୫ ଶହ ୨୩ କୋଟି ଟଙ୍କାର୍ ବୈଦେଶିକ୍ ମୁଦ୍ରା ମିଲିପାର୍ବା ବଲି ଆକଲନ୍ କରାଯାଇଛେ ।

ସେବା ସଂକଳ୍ପ ଅଭିଯାନ୍ ମୁଲ        ଆର୍ଏନ୍ୟୁ/ କଟକ୍

ସାରା ଦେଶେ ଆଏବା କାଏଲ୍ଠାନୁ ମାସେତକ୍ ସେବା ସଂକଳ୍ପ ଅଭିଯାନ୍ ମୁଲ୍ ହେଉଛେ । ଇ ଅଭିଯାନ୍ ଅଧୀନ୍ଥି

ଭୁବ୍‌ନେଶ୍ୱର୍ ବିଜେପି ଯୁବମୋର୍ଚ୍ଚାର୍ କାର୍ଯ୍ୟକର୍ତାମାନେ ବାରଣାସୀ ଗସ୍ତଥି ଯିବେ । ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ଯୁବଶକ୍ତିମାନେ ଇ ୨୫ ଦିନିଆ କାର୍ଯ୍ୟକ୍ରମ୍‌ଥି ବାଢ଼ନଗର୍‌କେ ଯାତ୍ରା କରିଛନ୍ । ବିକଶିତ୍ ଭାରତ୍‌ର ସଂକଳ୍ପ, ନୂଆଁ ଆଶା, ଉଦ୍ଦିପନାର୍ ମୁକସାଖୀ - ଯୁବବର୍ଗମାନେ ଆନ୍ ବଲି ଇ ସେବା ସଂକଳ୍ପ ଯାତ୍ରାକେ ଗଲାକାଏଲ୍ ଉଦ୍‌ଘାଟନ୍ କରିକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ଇ ଯାତ୍ରାଥି ଜଳ, ଜନ ଆଉ ସେବାକେ ଜୋର୍ ଦିଆଯାଇଛେ । ସେବା ସଂକଳ୍ପ ଅଭିଯାନ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍‌ଠାନୁ ଆଶିର୍ବାଦ୍‌ର ଦୀପ୍ ଜଲାବାର୍‌କେ ରାଜ୍ୟବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ରାଷ୍ଟ୍ରପତି ଭବନ୍ -ନୂଆଖାଇ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ ନମ୍ବର୍ ଥର୍ ଲାଗି ଗଲାକାଏଲ୍ ରାଷ୍ଟ୍ରପତି ଭବନ୍ ନ ନୂଆଖାଇ ତିହାର୍ ପାଲନ୍ କରିଛନ୍ । ରାଷ୍ଟ୍ରପତି ଭବନ୍‌ର କଲ୍‌ଚରାଲ୍ ସେଂଟର୍ ଠାନେ ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଥିଲା । ଭିନ୍ ଭିନ୍ ପ୍ରକାର୍‌ର

ସୁଆଦିଆ ବ୍ୟଞ୍ଜନ୍ ସହେତେ ପଶ୍ଚିମ ଓଡ଼ିଶାର୍ ଲୋକ୍‌ନାଚ୍ ଆଉ ଲୋକ୍‌ଗୀତ୍ ପରିବେଷଣ୍ କରାଯାଇଥିଲା ।

ୟୁପିଆଇ କାର୍‌ବାର୍-ଏମ୍‌ଡିଆର ଆର୍‌ଏନ୍‌ୟୁ/ ସମ୍ବଲପୁର

ୟୁପିଆଇ କାର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ମାର୍ଚ୍ଚେଂଟ୍ ଡିସ୍‌କାଉଂଟ୍ ରେଟ୍- ଏମ୍‌ଡିଆର୍ ଘୋଷ୍‌ନା କରିଛନ୍ । ୨ ହଜାର୍ ଟଙ୍କାନୁ ଅଏତ୍‌କା ୟୁପିଆଇ କାର୍‌ବାର୍ ଉପ୍‌ରେ ଶୂନ୍ ଦଶ୍‌ମିକ୍ ୪ ପ୍ରତିଶତ୍ ହାରଥି ଇ ଟଙ୍କା ଆଦାୟ କରାଯିବା । ଆଏବା ଅକ୍ଟୋବର୍ ୧୫ ତାରିଖ୍‌ନୁ ଇତାକେ କାର୍ଯ୍ୟକାରୀ କରାଯିବା ବଲି ନେସ୍‌ନାଲ୍ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ତର୍‌ଫୁ କୁହାଯାଇଛେ । ଦୁକାନୀ ମାନେ ଇ ଟଙ୍କା ସେମାନ୍‌କର୍ ବେଙ୍କକେ ସିଧାସଲଖି ଦେବେ । ଗ୍ରାହକ୍‌ମାନ୍‌କର୍ ଉପ୍‌ରେ ଇଟା ଲାଗୁ ନାଇଁ କରାଯାଏ ।

ଓଜୋନ୍ ଦିବସ୍ ଆର୍‌ଏନ୍‌ୟୁ କଟକ୍

'ଗୁଟେ ଥଣ୍ଡା ଗ୍ରହ ଲାଗି ବୈଶ୍ୱିକ୍ କାର୍ଯ୍ୟକଳାପ୍' ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଓଜୋନ୍ ଦିବସ୍ । ବାୟୁମଣ୍ଡଲ୍‌ର

ଓଜୋନ୍ ସ୍ତର ନ ନୁକ୍ସାନ୍ ମୁନୁଷ୍ ଜାତିର୍ ଲାଗି କେନ୍ତା କ୍ଷତିକାରକ୍ ଆଏ ସେ ବିଷେଥି ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍‌କେ ୧୯୯୪ ମସିହା ନୁ ମିଲିତ୍ ଜାତିସଂଘ ତର୍‌ଫୁ ସେପ୍ଟେମ୍ବର୍ ୧୬ ତାରିଖ୍‌କେ ବିଶ୍ୱ ଓଜୋନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଶିଳ୍ପାୟନ ଆଉ ଆଧୁନିକୀକରଣ୍ ଲାଗି ବାୟୁମଣ୍ଡଲ୍‌ଥି ତିଆର୍ ହେଉଥିବା ଭିନ୍ ଭିନ୍ ବିଷାକ୍ତ ଗେସ୍ ଓଜୋନ୍ ସ୍ତର ନ ନୁକ୍ସାନ୍ କରୁଥିବାର୍‌ନୁ ସୂର୍ଯ୍ୟଙ୍କର୍ ଅତିବାଇଗଣି ରଶ୍ମୀ ଓଜୋନ୍‌ସ୍ତର ଭେଦିକରି ପୁର୍‌ଥି ଉପ୍‌ରେ ସିଧାସଲଖ୍ ପଡ଼ିକରି ବିପଦ୍ ଆନିଛେ । ହେତାର୍ ପ୍ରତିକାର୍ ଲାଗି ପ୍ରକୃତି ଅନୁକୂଳ ଜୀବନ୍‌ଶୈଳୀ ଅପ୍‌ନାବାର୍ ଉପ୍‌ରେ ଜୋର୍ ଦିଆଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବର୍ଷାର୍ ପରିମାଣ୍ କମିଛେ । ଉତର୍ ପଶ୍ଚିମ ଆଉ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍, ପଶ୍ଚିମ, ଉତରପଶ୍ଚିମ ଦିଗ୍‌କେ ଯାଇକରି ସ୍ଥୁଲଭାଗ୍ ଛିଇଁଛେ । ତାର୍ ପ୍ରଭାବ୍‌ଥି ମୌସୁମୀ ନିମ୍ନଚାପରେଖା ବଙ୍ଗୋପ୍‌ସାଗର୍‌ନୁ ଆସୁଥିବା ଜଲୀୟ ବାଷ୍ପ ଲାଗି ଆଏବା ୨୦ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍

ଜାଗା ନ ସାମାଏନ୍‌ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼୍‌କ୍ ମାରିକରି ଜବର୍ ବର୍ଷା ହେଇପାରେ ବଲି ସମ୍ବଲପୁର୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୨୨ ତାରିଖ୍ ଆଡ୍‌କେ ଦକ୍ଷିଣ୍ ଓଡ଼ିଶା, ଉତର୍ ଆନ୍ଧ୍ର ଉପକୂଳ ପାଶେ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।